# ଆଞ୍ଚଳିକ ଦଳ ପାଇଁ ନିଶା କାହିଁକି

ଭୁବନେଶ୍ୱର, ୨୨।୧ (ସୁନିତ୍ ମିଶ୍ର)

ଓଡ଼ିଶାରେ ଏକ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ରାଜ୍ୟରୁ କେତେଜଣ ନେତା ଭିତିରିଆ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ଲକ୍ଷ୍ୟକରି ଓଡ଼ିଶାରେ ଆଉ ଗୋଟେ ଦଳ ହୋଇପାରିବ ବୋଲି ଅନେକେ ଚିନ୍ତା ମଧ୍ୟ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନର ବିଧାନସଭା ଏବଂ ଲୋକ ସଭା ଫଳାଫଳ ଦେଖିଲେ ଓଡ଼ିଶାରେ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ଅନେକଙ୍କ ନିଶା କାହିଁକି ବଢ଼ିଯାଇଛି ତାହା ବୁଝିହେବ।

ଗତ ସାଧାରଣ ନିର୍ବାଚନ ଫଳାଫଳ ଅନୁଯାୟୀ ରାଜ୍ୟରେ ଆଞ୍ଚଳିକ ଦଳ ପ୍ରତି ଲୋକଙ୍କ ଭିତରେ ଏକ ସ୍ୱତନ୍ତ୍ର ଆଗ୍ରହ ରହିଥିବା ଲକ୍ଷ୍ୟ କରିହେଉଛି। ଓଡ଼ିଶାର ୧୪୭ ବିଧାନସଭା ଆସନରେ ୨୦୨୪ରେ ହୋଇଥିବା ଭୋଟ ଫଳାଫଳ ଅନୁଯାୟୀ, ବିଜେଡିକୁ ସର୍ବାଧିକ ୧ କୋଟି ୧ ଲକ୍ଷ ୨ ହଜାର ୪୫୪ ଖଣ୍ଡ (୪୦.୨୨%) ଭୋଟ ମିଳିଥିଲା। ଏହି ଭୋଟ ଅନୁଯାୟୀ ବିଜେଡି ୫୧ ଆସନରେ ବିଜୟୀ ହେଇପାରିଥିଲା। ଭାଜପାକୁ ଦ୍ୱିତୀୟ ସର୍ବାଧିକ ଭାବେ ମୋଟ୍ ୧ କୋଟି ୬୪ ହଜାର ୮୨୭ ଖଣ୍ଡ (୪୦.୦୭%) ଭୋଟ ମିଳିଥିଲା। ମାତ୍ର ଭାଜପା ସେତେବେଳେ ୭୮ଟି ଆସନରେ ବିଜୟୀ ହୋଇପାରିଲା। ଭାଜପାଠାରୁ ବିଜେଡିକୁ କିନ୍ତୁ ୩୭ ହଜାର ୬୨୭ ଖଣ୍ଡ ଅଧିକ ଭୋଟ ମିଳିଥିଲା। ଏହାସତ୍ତ୍ୱେ ୨୭ଟି ଅଧିକ ଆସନରେ ଜିତି ଭାଜପା ଓଡ଼ିଶାରେ ସରକାର କରିପାରିଲା। ସେହିପରି କଂଗ୍ରେସ ମୋଟ୍ ୩୩ ଲକ୍ଷ ୩୧ ହଜାର ୩୧୯ ଖଣ୍ଡ ଅର୍ଥାତ୍ ୧୩.୨୬ % ଭୋଟ ପାଇଥିଲା। ରାଜ୍ୟରେ ୧.୦୨% ଅର୍ଥାତ୍ ୨ ଲକ୍ଷ ୫୭ ହଜାର ୩୫୫ ଜଣ କୌଣସି ଦଳ ଉପରେ ଭରସା କରି ନ ପାରିବାରୁ ନୋଟାରେ ଭୋଟ ଦେଲେ। ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀମାନଙ୍କୁ ମୋଟ୍ ୮ ଲକ୍ଷ ୪୩ ହଜାର ୭୦୨ ଖଣ୍ଡ ଅର୍ଥାତ୍ ୩.୩୯ ପ୍ରତିଶତ ଭୋଟ ମିଳିଥିଲା। ଅବଶ୍ୟ ବିଜୟୀ ହୋଇଥିବା ୩ ସ୍ୱାଧୀନ ପ୍ରାର୍ଥୀ ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇଛନ୍ତି। ଅନେକ ସମୟରେ ରାଜନୀତିରେ ଏପରି ଘଟିଥାଏ, ସ୍ୱାଧୀନ ଜିତିଥିବା ପ୍ରାର୍ଥୀମାନେ ପରବର୍ତ୍ତୀ ସମୟରେ ଶାସକ ଦଳରେ ଯୋଗଦେବାକୁ ଅଧିକ ଆଗ୍ରହ ପ୍ରକାଶ କରିଥାଆନ୍ତି।

୨୦୨୪ରେ ଓଡ଼ିଶାରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନର ଫଳାଫଳକୁ ଦେଖିଲେ, ଭାଜପାକୁ ୧ କୋଟି ୧୩ ଲକ୍ଷ ୩୫ ହଜାର ୫୪୯ (୪୫.୩୪%) ଭୋଟ ମିଳିଥିଲା। ଏହି ଭୋଟ ଦ୍ୱାରା ୨୧ ଲୋକ ସଭା ଆସନ ମଧ୍ୟରୁ ଭାଜପା ୨୦ଟି ସ୍ଥାନରେ

## ହିସାବ ବୁଝାଇ ଦେଉଛି

ବିଜୟୀ ହୋଇଥିଲା। ବିଜେଡିକୁ ମୋଟ ୯୩ ଲକ୍ଷ ୮୨ ହଜାର ୭୧୧ ଖଣ୍ଡ (୩୭.୫୩%) ଭୋଟ ମିଳିଥିଲା। ଦ୍ୱିତୀୟ ସର୍ବାଧିକ ଭୋଟ ପାଇଥିବା ବିଜେଡି କିନ୍ତୁ ଗୋଟିଏ ହେଲେ ଲୋକ ସଭା ଆସନରେ ଜିତିପାରି ନ ଥିଲା। ବିଜେଡିଠାରୁ ଭାଜପାକୁ ୧୯ ଲକ୍ଷ ୫୨ ହଜାର ୮୩୮ ଖଣ୍ଡ ଅଧିକ ଭୋଟ ମିଳିଥିଲା। କଂଗ୍ରେସ ୩୧ ଲକ୍ଷ ୩୦ ହଜାର ୦୫୬ ଖଣ୍ଡ (୧୨.୫୨%) ଭୋଟ ପାଇଥିଲା। ତୃତୀୟ ସର୍ବାଧିକ ଭୋଟ ପାଇଥିବା କଂଗ୍ରେସ ଗୋଟିଏ ଲୋକ ସଭା ଆସନ କୋରାପୁଟରେ ବିଜୟୀ ହୋଇଛି। ଦିଲ୍ଲୀ ପାଇଁ ଓଡ଼ିଆ ଭୋଟର କୌଣସି ଦଳର ପ୍ରାର୍ଥୀଙ୍କୁ ପସନ୍ଦ ନ କରି ନୋଟାରେ ୩ ଲକ୍ଷ ୨୪ ହଜାର ୫୮୮ ଖଣ୍ଡ ଭୋଟ ଦେଇଛନ୍ତି। ସ୍ୱାଧୀନଭାବେ ଠିଆ ହୋଇଥିବା ପ୍ରାର୍ଥୀମାନେ ମୋଟ୍ ୨.୬୦% ଅର୍ଥାତ୍ ୬ ଲକ୍ଷ ୫୦ ହଜାର ୩୩୬ ଖଣ୍ଡ ଭୋଟ ପାଇଛନ୍ତି। ଏହିସବୁ ଫଳାଫଳ ଦେଖିବା ପରେ ଆଞ୍ଚଳିକ ଦଳ ପ୍ରତି ରାଜ୍ୟରେ ଲୋକଙ୍କ ଯଥେଷ୍ଟ ଭରସା ରହିଥିବା ଜାଣିପାରି ନୂଆ ପାର୍ଟି ଗଠନ ଲାଗି ଏକପ୍ରକାର ଜୁଆଖେଳ ଆରମ୍ଭ ହୋଇଯାଇଛି।

ଗତ ସାଧାରଣ ନିର୍ବାଚନ ସମୟରେ ବିଜେଡିର ଅଧିକାଂଶ କର୍ମୀ ନିଜର ଏବଂ ସେମାନଙ୍କ ପରିବାର ଭୋଟ ଭାଜପାକୁ ଦେଇଥିବା ଏକ ଜଣାଶୁଣା କଥା। ଅର୍ଥାତ୍ ବିଜେଡି ବିଧାନସଭା ଏବଂ ଲୋକ ସଭାରେ ଯେଉଁ ଭୋଟ ପାଇଲା ତାହା କର୍ମୀମାନଙ୍କ ବିନା ସହଯୋଗରେ ମିଳିଛି। ଏଥିରୁ ବୁଝିନେବାକୁ ହେବ ନିର୍ବାଚନ ସମୟରେ ବିଜେଡି ଟଙ୍କା ମଧ୍ୟ ଠିକ୍ ଭାବେ ତଳସ୍ତରରେ ପହଞ୍ଚିପାରି ନ ଥିଲା। ତଥାପି ବିଧାନସଭାରେ ୧୦୧,୦୨ ୪୫୪ ଏବଂ ଲୋକ ସଭାରେ ୯୩,୮୨,୭୧୧ ଖଣ୍ଡ ଭୋଟ ବିଜେଡି ପାଇବା ଅର୍ଥ ଲୋକମାନେ ରାଜ୍ୟରେ କର୍ମୀଙ୍କୁ ଏଡ଼ାଇ ଆଞ୍ଚଳିକ ଦଳ ପ୍ରତି ବିଶ୍ୱାସ ରଖିଛନ୍ତି। ଏଭଳି ପରିସ୍ଥିତିରେ ବରିଷ୍ଠ ନେତା ବିଜୟ ମହାପାତ୍ର, ଭାଜପା ନେତା ଦିଲୀପ ରାୟ ଏବଂ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ (ବବି) ନୂଆ ଆଞ୍ଚଳିକ ଦଳ କରିବାକୁ ଯେଉଁ ଅଣ୍ଟା ଭିଡୁଛନ୍ତି ବୋଲି ଚର୍ଚ୍ଚା ହେଉଛି, ସେମାନେ ବୁଝିଛନ୍ତି ଓଡ଼ିଶାରେ ଆଞ୍ଚଳିକ ଦଳ ଲାଗି ଏକ ଶୂନ୍ୟସ୍ଥାନ ଅଛି। ଆହୁରି ଗୋଟିଏ କଥା ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ, ୨୦୨୪ ନିର୍ବାଚନ ସମୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ସେମିତି କିଛି ଆଖିଦୃଶିଆ ହାୱା ନ ଥିଲା। ଏମିତି କି ଦେଶରେ ମଧ୍ୟ ଭାଜପାକୁ ନେଇ ସେପରି କିଛି ନୂଆ ହାୱା ନ ଥିଲା। ସମସ୍ତେ ଜାଣନ୍ତି ଏଥର ବିଜେଡି ନିର୍ବାଚନ ହାରିବାରେ ତାଙ୍କ ଦଳର ସଭାପତି ନବୀନ ପଟ୍ଟନାୟକ ନିଜେ ଦାୟୀ। ନବୀନ ତାଙ୍କ ଘନିଷ୍ଠ ପାଣ୍ଡିଆନ୍‌ଙ୍କୁ ଆଗକୁ ଆଣି ବୁଲାଇଲେ, ଯାହାକୁ ଓଡ଼ିଶାର ଲୋକମାନେ ଗ୍ରହଣ କଲେନାହିଁ। ଅର୍ଥାତ୍ ୨୦୨୪ରେ ଭାଜପା ଜିତିବା ଅପେକ୍ଷା ବିଜେଡି ହାରିଲା ବୋଲି କହିବା ଯୁକ୍ତିଯୁକ୍ତ ହେବ।

ସୂଚନାଯୋଗ୍ୟ, ଏବେକାର ପିଢ଼ି କେବଳ ନବୀନ ଓ ବିଜେଡିକୁ ଚିହ୍ନୁଛନ୍ତି। କାରଣ ଓଡ଼ିଶାରେ ରାଜନୀତି କରୁଥିବା ଅଧିକାଂଶ ଲୋକମାନେ ରାଜନୀତିର ଇତିହାସ ବିଷୟରେ ଜାଣିବାକୁ ଚେଷ୍ଟା ମଧ୍ୟ କରୁନାହାନ୍ତି। ୧୯୯୭ ଡିସେମ୍ବରରେ ନବୀନ ଓଡ଼ିଶାର ସବୁ ଜିଲାର ନାମ କହିବା ଦକ୍ଷତା ରଖି ନ ଥିଲେ। ଆହୁରି ଗୋଟେ କଥା ଜାଣିବା ଦରକାର, ବିଜେଡିକୁ ନବୀନ କିମ୍ବା କୌଣସି ବ୍ୟକ୍ତିବିଶେଷ ସୃଷ୍ଟି କରିନାହାନ୍ତି। ଯଦି ବିଜେଡିର ଜନ୍ମ ପାଇଁ କାହାକୁ ଶ୍ରେୟ ଦେବାର ଉଦ୍ୟମ ହେବ ତେବେ ତତ୍କାଳୀନ କଂଗ୍ରେସର ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଚାରିପାଖରେ ଥିବା ରାଜନୈତିକ ବ୍ୟକ୍ତିମାନଙ୍କୁ ଦିଆଯାଇପାରେ। ସେହି ସମୟରେ ସେ ସମସ୍ତଙ୍କ ଜଘନ୍ୟ ବ୍ୟକ୍ତିଗତ ଚରିତ୍ର ସହିତ କେବଳ ନିଜ ପରିବାରକୁ ସବୁ ସୁବିଧା ସୁଯୋଗ ଯୋଗାଇ ଦେବାର ଅସରନ୍ତି ପ୍ରୟାସରେ ଓଡ଼ିଶାବାସୀ ଅତିଷ୍ଠ ହୋଇ ବିକଳ୍ପ ଭାବେ ବିଜେଡିକୁ ବାଛିଥିଲେ। ଏବେ ନୂଆ ଆଞ୍ଚଳିକ ଦଳ ଗଠନ ଭାଜପାକୁ ସୁହାଇବା ଭଳି ସୃଷ୍ଟି ହେବା ସମ୍ଭାବନା ରଖିଛି।

ଭାଜପା କେନ୍ଦ୍ର ନେତୃତ୍ୱ ପାଣ୍ଡିଆନ୍ ଏବଂ ବବିଙ୍କ ମଧ୍ୟରେ ବଢୁଥିବା ସମ୍ଭାବ୍ୟ ତିକ୍ତତା ପଛର ରହସ୍ୟ ବୁଝୁଛନ୍ତି। କାରଣ ଏଥିରେ ଅଧିକ ଭାଜପାକୁ ଲାଭ ମିଳିବ। ବିଜେଡିକୁ ବଞ୍ଚାଇ ରଖିବା ପାଇଁ ଯାହାସବୁ ଦରକାର ସେଥିପାଇଁ ଗୋଟିଏ ହେଲେ ସୁଯୋଗ ହାତଛଡା କରିବାକୁ ଚାହିଁବନାହିଁ। ଭାଜପା ବୁଝେ ରାଜ୍ୟରେ ଆଞ୍ଚଳିକ ଦଳ ପାଖରେ ପ୍ରବଳ ମାତ୍ରାରେ ଭୋଟ ରହିଛି, ସେଗୁଡିକ ବିଜେଡି ନ ରହିଲେ ବିରୋଧୀରେ ବଦଳିଯିବ। ଏହି ଭୋଟ କଂଗ୍ରେସକୁ ମଧ୍ୟ ଯିବା ସମ୍ଭାବନା ଦିଶୁନାହିଁ।




# 'କୋଟିଆ ବିକାଶ' ପାଇଁ ୨୯୦ କୋଟି

ଭୁବନେଶ୍ୱର, ୨୨।୧ (ରବିନାରାୟଣ ଜେନା)

ଆନ୍ଧ୍ରପ୍ରଦେଶ ସୀମାନ୍ତବର୍ତ୍ତୀ କୋରାପୁଟ ଜିଲା କୋଟିଆର ବିକାଶ ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ କିଭଳି ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ତାକୁ ନେଇ 'କୋଟିଆ ବିକାଶ' ନକ୍ସା ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ୨୯୦କୋଟି ୪୪ଲକ୍ଷ ଟଙ୍କା ଉକ୍ତ ଅଞ୍ଚଳରେ ବିନିଯୋଗ କରାଯିବ। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ୨୦ଟି ବିଭାଗକୁ ତା'ର କାର୍ଯ୍ୟ ସମ୍ପାଦନା କରିବାକୁ କୁହାଯାଇଛି। ଜାନୁଆରୀ ୧୭ରେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ମଧୁସ୍ମିତା ସାହୁ ସମ୍ପୃକ୍ତ ବିଭାଗକୁ ପତ୍ର ଲେଖି ଦର୍ଶାଇଛନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳକୁ ଏକ ପ୍ରତିନିଧି ମଣ୍ଡଳୀ ଗସ୍ତ କରିଥିଲା। ଏହାକୁ ନେଇ ରାଜସ୍ୱମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଟିଆର ବିକାଶ ପାଇଁ ଯେଉଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ତା'ର ଆଧାରରେ ତୁରନ୍ତ ଉକ୍ତ ଅର୍ଥ ବିନିଯୋଗର 'ଆକ୍ସନପ୍ଲାନ୍' ପ୍ରଦାନ କର। ବିଭାଗର ତଥ୍ୟ ଅନୁଯାୟୀ, କୋଟିଆର ବିକାଶ ପାଇଁ କୃଷି ବିଭାଗ ପକ୍ଷରୁ ପ୍ରାୟ ୫୦ଟି ସ୍ଥାନରେ ପନିପରିବା ଓ ମକା ଚାଷ ଲାଗି ୧କୋଟି ୫୮ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ରହିଛି। ସେହିପରି କୋଟିଆ ଅଞ୍ଚଳରେ ଥିବା ଅଭାବୀ ପରିବାରକୁ ବିଦ୍ୟୁତ୍ ସଂଯୋଗ ଲାଗି ଶକ୍ତି ବିଭାଗ ପକ୍ଷରୁ ୭କୋଟି ୧୯ଲକ୍ଷ ଟଙ୍କାର ଭିତ୍ତିଭୂମି ପ୍ରସ୍ତୁତ କରାଯିବାକୁ ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ୭୦ଲକ୍ଷ, ସ୍ୱାସ୍ଥ୍ୟ ବିଭାଗ

## ୨୦ବିଭାଗ ନେଲା ଦାୟିତ୍ୱ

୪କୋଟି ୪୧ଲକ୍ଷ, ଗୃହ ବିଭାଗ ପକ୍ଷରୁ ୪୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହାସହିତ ଉଦ୍ୟାନକୃଷି ବିଭାଗ ପକ୍ଷରୁ ୮କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରି ଲୋକଙ୍କ ଜୀବନଜୀବିକା ସୁରକ୍ଷିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମିଶନ ଶକ୍ତି ୭କୋଟି, ଓରମାସ୍ ୧.୫୪କୋଟି, ପଞ୍ଚାୟତିରାଜ ବିଭାଗ ୪୪କୋଟି, ରାସ୍ତା ଓ କୋଠାବାଡ଼ି ଭିତ୍ତିଭୂମି ପାଇଁ ୪୦.୩୭କୋଟି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୩୩.୪୫କୋଟି, ଗଣଶିକ୍ଷା ବିଭାଗ ପକ୍ଷରୁ ୪୦କୋଟି, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨.୮୬କୋଟି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୩୨କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୫୫ଲକ୍ଷ, ପଶୁସମ୍ପଦ ବିଭାଗ ପକ୍ଷରୁ ୪.୮୫କୋଟି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୪.୫୭କୋଟି ଏବଂ ଅନ୍ୟାନ୍ୟ କ୍ଷେତ୍ର ଲାଗି ପ୍ରାୟ ୧୭କୋଟି ଟଙ୍କା ବିନିଯୋଗ କରାଯିବାକୁ ରହିଛି। ସୂଚନାଯୋଗ୍ୟ, କୋଟିଆ ପାଇଁ ଏବେ ୫ଟି ବଡ଼ ଆହ୍ୱାନ ରହିଛି। ଉକ୍ତ ଅଞ୍ଚଳରେ ନେଟୱର୍କ ବ୍ୟବସ୍ଥା ଠିକ୍ ନ ଥିବାବେଳେ ୨୧ଟି ଗ୍ରାମର ଜମି ସର୍ଭେ ହୋଇନାହିଁ। ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍ଆଇଆର୍) ହୋଇ ନ ଥିବାବେଳେ ଲୋକଙ୍କ ଆଧାରକାର୍ଡ ବିଭିନ୍ନ ସରକାରୀ ଯୋଜନା ସହିତ ସଂଲଗ୍ନ ହୋଇନାହିଁ। ଏହି ଦୃଷ୍ଟିରୁ ପ୍ରଥମେ ଉକ୍ତ ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ ହେବାର ଆବଶ୍ୟକତା ରହିଛି ବୋଲି ପତ୍ରରୁ ଜଣାଯାଇଛି।




# ୩୧ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୨୨।୧ (ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ତଥା ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜାନୁଆରୀ ୩୧ରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୭ଟିରୁ ଊର୍ଦ୍ଧ୍ୱ ପ୍ରସ୍ତାବକୁ ମୋହର ବାଜିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ଆସନ୍ତା ଫେବୃଆରୀ ତୃତୀୟ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ସାଧାରଣ ବଜେଟ ଆସିବାର ରହିଛି। ଏହାକୁ ନେଇ ବିଭିନ୍ନ ବିଭାଗ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ନୂତନ ଯୋଜନା ଆସିବାକୁ ରହିଛି। ସେଥିମଧ୍ୟରେ ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟସେବାରେ ଉନ୍ନତୀକରଣ ପାଇଁ ବିଭାଗ ସ୍ୱତନ୍ତ୍ର ପ୍ରସ୍ତାବ ଆଣିବାକୁ ରହିଥିବାବେଳେ ରାଜ୍ୟବାସୀଙ୍କୁ ରାଜସ୍ୱ ସେବା ନିକଟତର କରିବା ଲାଗି ରାଜସ୍ୱ ବିଭାଗ ପକ୍ଷରୁ ଜମିଜମା ସଂକ୍ରାନ୍ତୀୟ ପ୍ରସ୍ତାବକୁ କ୍ୟାବିନେଟ ମୋହର ବାଜିବ ବୋଲି ଜଣାଯାଇଛି। ସେହିପରି ନଗର ଉନ୍ନୟନ ବିଭାଗ, ଜଳସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ, ସାଧାରଣ ପ୍ରଶାସନ, ସଂସଦୀୟ ବ୍ୟାପାର ଓ ଅର୍ଥ ଭଳି ବିଭିନ୍ନ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ ବୋଲି ଜଣାଯାଇଛି।

# ୨ରୁ ରାଷ୍ଟ୍ରପତିଙ୍କ ୬ ଦିନିଆ ଓଡ଼ିଶା ଗସ୍ତ



ଦ୍ରୌପଦୀ ମୁର୍ମୁ

ବାରିପଦା, ୨୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିବା ନେଇ ରାଷ୍ଟ୍ରପତି ଭବନ ସେକ୍ରେଟେରିଏଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଫେବୃୟାରୀ ୨ରୁ ୭ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେଇ ପ୍ରତ୍ୟାବର୍ତ୍ତନ କରିବେ। ୩ ତାରିଖରେ ରାଷ୍ଟ୍ରପତି ଯାଜପୁର ଜିଲା ମା' ବିରଜାଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବେ। ସେଠାରୁ ବାହାରି ବାଲେଶ୍ୱର ଜିଲା ଫକୀର ମୋହନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଏକ ଅଡିଟୋରିୟମର ଶୁଭ ଉଦ୍‌ଘାଟନ କରିବେ। ସେଠାରୁ ଅପରାହ୍ନରେ ବାହାରି ପୁରୀ ଶ୍ରୀମନ୍ଦିର ଯାଇ ଜଗନ୍ନାଥ ଦର୍ଶନ କରିବେ। ୪,୫ ଓ ୬ ତାରିଖ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶିମିଳିପାଳ ଅଭୟାରଣ୍ୟରେ ସମୟ ବିତାଇବେ।






# ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ

ଲକ୍ଷ୍ମୀପୁର,୨୨।୧(ଅନନ୍ତ ପ୍ରସାଦ ନାୟକ)

ସରକାର ଲୋକଙ୍କ ଜଳ କଷ୍ଟ ଦୂର କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଣ୍ଠି, ଏସ୍‌ଏଫ୍‌ସି, ସିଏଫ୍‌ସି ପାଣ୍ଠି, ବିଧାୟକ ଓ ଏମ୍‌ପି ପାଣ୍ଠି ବ୍ୟବହାର କରି ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କରୁଛନ୍ତି। କୋରାପୁଟ ଜିଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଆଳରେ ସରକାରୀ ପାଣ୍ଠିର ଦୁରୁପଯୋଗ କରାଯାଉଥିବା ଅଭିଯୋଗ ହୋଇଛି। ଏକାଧିକ ଗ୍ରାମରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ସୁହାଇଲା ଭଳି ସେମାନଙ୍କ ବ୍ୟକ୍ତିଗତ ଜମିରେ କରାଯାଉଥିବା ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ କ୍ଷେତ୍ରର କାକିରିଗୁମା, ତୟାପୁଟ ପଞ୍ଚାୟତର ଦୁମୁରିପଦର ଗ୍ରାମ, ଭିତରଗଡ଼ ପଞ୍ଚାୟତର ଚାରାଡ଼ା ଗ୍ରାମରେ, ଗୌଡ଼ଗୁଡ଼ା ଗ୍ରାମରେ ଏଭଳି ପ୍ରକଳ୍ପ ନିର୍ମାଣ କରାଯାଇଥିବା କହିଛନ୍ତି। ଗ୍ରାମର କେତେଜଣ ନିର୍ଦ୍ଦିଷ୍ଟ ରାଜନୈତିକ ବ୍ୟକ୍ତି ବିଶେଷ ବ୍ୟକ୍ତିଗତ ଗୃହ ପାଚେରି ପରିସରରେ ଏହି ସୋଲାର ଡୁଆଲ ପମ୍ପ ସ୍ଥାପନ କରାଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିଙ୍କ ଘର ବାହାରେ ପ୍ରକଳ୍ପଗୁଡ଼ିକ ନିର୍ମାଣ ହୋଇଛି। ସମସ୍ତେ ନିଜ ଘରେ ପାଣି ମୋଟର ସ୍ଥାପନ କରି ସରକାରୀ ପାଇପ୍ ପାଣି ମଧ୍ୟ ଘରକୁ ସଂଯୋଗ କରିଛନ୍ତି। ଲୋକଙ୍କ ସମସ୍ୟାକୁ ଜଳାଞ୍ଜଳି ଦେଇ ଉକ୍ତ ସୌରଚାଳିତ ପ୍ରକଳ୍ପଗୁଡ଼ିକୁ ସେମାନଙ୍କ ପାଚେରି ପରିସରରେ ନିର୍ମାଣ କରାଯାଇଛି। ପ୍ରକଳ୍ପରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଫଟୋ ସହ ନାମ ଉଲ୍ଲେଖ ରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲୋକେ କେଉଁ ପାଣ୍ଠିରେ କାହା ପରାମର୍ଶରେ ଏଭଳି ସୌରଚାଳିତ ପ୍ରକଳ୍ପ ସ୍ଥାପନ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ(ଏସ୍‌ଡିଓ) ପ୍ରଦୀପ୍ତ ସିଂଙ୍କୁ ପଚାରିବାରେ ପ୍ରକଳ୍ପ ସମ୍ପର୍କରେ ଆମ ପାଖରେ କୌଣସି ସୂଚନା ନ ଥିବା ଓ କିଛି ଲେଟର ଆସି ନ ଥିବା ପ୍ରକାଶ କରିଥିଲେ। ସମସ୍ତ ପ୍ରକଳ୍ପ ସ୍ଥଳରେ ବିଧାୟକଙ୍କ ଫଟୋ ଓ ନାମ ଥିବାରୁ ବିଧାୟକ ପାଣ୍ଠିରୁ କିମ୍ବା ବିଧାୟକଙ୍କ ପରାମର୍ଶକ୍ରମେ କୌଣସି ସଂସ୍ଥା ଉକ୍ତ ପ୍ରକଳ୍ପଗୁଡ଼ିକୁ ନିର୍ମାଣ କରୁଥିବା ସୂଚନା ଦେଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ପ୍ରତିବର୍ଷ ପିଇବା ପାଣି ସମସ୍ୟା ଖବର ପ୍ରକାଶ ପାଉଛି। ଏଭଳି ପ୍ରକଳ୍ପ ନିର୍ମାଣ ନେଇ ବ୍ଲକ, ଜିଲା ପ୍ରଶାସନ ଓ ଲକ୍ଷ୍ମୀପୁର ବିଧାୟକ କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିବାକୁ ଅନୁରୋଧ କରାଯାଇଛି। ଏ ନେଇ ବିଧାୟକ ଓ ଏମ୍‌ପି ପାଣ୍ଠି ହେଉ ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ କୌଣସି ପାଣ୍ଠି ତାହା ସାମୂହିକ ସ୍ୱାର୍ଥରେ ଲାଗିଲା ଭଳି ସରକାରୀ ଜମିରେ ନିର୍ମାଣ ହେବା ନିୟମ ରହିଛି। ବ୍ୟକ୍ତିଗତ ହିତ କିମ୍ବା ଜମିରେ କରିବା ପାଇଁ ନୁହେଁ। ବ୍ଲକ୍‌ରେ ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପର ବିଜେଡି ତଦନ୍ତ କରିବ। ବ୍ଲକ,ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କୁ ଅବଗତ କରିବ ବୋଲି ପୂର୍ବତନ ଏମ୍‌ପି ଜିଲା ବିଜେଡି ସଭାପତ ଜିନୋ ହିକକା କହିଛନ୍ତି।




### ସରକାରୀ ପାଣ୍ଠିର ଦୁରୁପଯୋଗ କରାଯାଉଥିବା ଅଭିଯୋଗ

ପୂର୍ବତନ ବିଧାୟକ କୈଳାସ କୁଲେସିକା କହିଛନ୍ତି, ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ସୁଧାରିବାକୁ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। କିନ୍ତୁ ବିଧାୟକ ଏହି ପାଣ୍ଠିକୁ ରାଜନୈତିକ ଉଦ୍ଦେଶ୍ୟ ରଖି କଂଗ୍ରେସ କର୍ମୀଙ୍କ ଘର ବାରଣ୍ଡାରେ ନିର୍ମାଣ କରିବାକୁ ଓ ପ୍ରକଳ୍ପରେ ତାଙ୍କ ଫଟୋ, ଦଳୀୟ ଚିହ୍ନ ଓ ଯୋଜନା ବିକେବିକେ ଲେଖିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହା ବେଆଇନ। ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ଏହାର ପ୍ରତିବାଦ କରାଯିବ। ଲକ୍ଷ୍ମୀପୁର ବିଡିଓ ସବ୍ୟସାଚୀ ବେହେରାଙ୍କୁ ପଚାରିବାରୁ ବିଭିନ୍ନ ଗ୍ରାମର ବ୍ୟକ୍ତିଗତ ଜମିରେ ବିଧାୟକଙ୍କ ଫଟୋ ଥାଇ ନିର୍ମିତ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ବ୍ଲକ ପ୍ରଶାସନ ପକ୍ଷରୁ ହୋଇନାହିଁ। କେଉଁ ଯୋଜନା ଓ ପାଣ୍ଠିରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି ଏହାର କୌଣସି ସୂଚନା ନାହିଁ। ପ୍ରକଳ୍ପଗୁଡ଼ିକ ବୁଲି ଦେଖି ଏହାର ତର୍ଜମାକରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଧାୟକ ପବିତ୍ର ସାଉଁତା ଲକ୍ଷ୍ମୀପୁର ନିର୍ବାଚନ କ୍ଷେତ୍ର ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ପାଇବା ପରେ ବିକେବିକେ ଯୋଜନାରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ନିର୍ମାଣସ୍ଥଳ (ଗ୍ରାମ) ଉଲ୍ଲେଖ ସୁପାରିସ କରିଥିଲି। କିନ୍ତୁ କର୍ମୀମାନେ ଏହାକୁ ନିଜ ଘର ପରିସରରେ ନିର୍ମାଣ କରି ନେଇଛନ୍ତି। ଏହାର ତଦନ୍ତ ସେ ନିଜେ କରି ଲୋକଙ୍କୁ ସୁହାଇବା ଭଳି ସ୍ଥାନରେ ନିର୍ମାଣ କରିବାକୁ ପରାମର୍ଶ ଦେବେ ବୋଲି କହିଛନ୍ତି।

# ଚଳିତ ଆର୍ଥିକ ବର୍ଷର ବାକି କାମ ସାରିବାକୁ ନିର୍ଦ୍ଦେଶନାମା

### ଛୁଟିଦିନରେ ବି କାମ କରିବେ କର୍ମଚାରୀ

କୋରାପୁଟ,୨୨।୧
(ଅମିତାଭ ବେହେରା)

କୋରାପୁଟ ରାସ୍ତା ଓ ଗୃହ ନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଚଳିତ ଆର୍ଥିକ ବର୍ଷର ଅନେକ କାମ ବାକି ଥିବାରୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଛୁଟି ଦିନରେ ବି କର୍ମଚାରୀ କାର୍ଯ୍ୟାଳୟ ଆସି କାମ କରିବେ ବୋଲି ଜାରି ହୋଇଥିବା ଚିଠି ନଂ. ୮୧୫/୨୧।୧।୨୦୨୬ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଲକ୍ଷ୍ୟ ଧାର୍ଯ୍ୟ ଥିବା ଅନେକ ବାକି ଥିବା କାମ ପାଇଁ ମାତ୍ର ୨ ମାସ ରହିଥିବାରୁ ଏହି କାର୍ଯ୍ୟକୁ ଶେଷ କରିବାକୁ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି ବୋଲି ବାରିକ ପ୍ରକାଶ କରିଛନ୍ତି। କୌଣସି କର୍ମଚାରୀଙ୍କ ଅତି ଜରୁରୀ କାମ ପଡ଼ିଲେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇ ଛୁଟିରେ ଯାଇପାରିବେ ବୋଲି କୁହାଯାଇଛି।


Phone / Fax – (06852) 250201
E-mail – serandbkpt@yahoo.co.in
Government of Odisha
OFFICE OF THE SUPERINTENDING ENGINEER
KORAPUT (R&B) DIVISION
Dated: 21.01.2026
Order No: 815
In the interest of Govt works and closing of financial year 2025-26, all the staffs are hereby request to attend the office during Govt Holidays for pending official works smoothly up to January-2026 without fail until further order.
Yours faithfully,
Superintending Engineer
Koraput(R&B)Division
Memo No. 816 // Dated. 21.01.2026 //
Copy to all staffs of this Division for information and necessary action.
Superintending Engineer
Koraput(R&B)Division
Memo No. 817 // Dated. 21.01.2026 //
Copy to all SDO / J.Es under this Division for information and necessary action.
Superintending Engineer
Koraput(R&B)Division

ରାସ୍ତା ଓ ଗୃହ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ଜାରି କରିଥିବା ନିର୍ଦ୍ଦେଶନାମା।

# ମା' ଶୀତଳା ନକ୍ ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ବିଜେତା ଚିତ୍ରକୋଟ ଟିମ୍‌ର ଖେଳାଳିମାନେ ।

କୋଟପାଡ଼,୨୨।୧(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ନୂଆଗୁଡା ପଡିଆରେ ୟୁନାଇଟେଡ୍ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ମା' ଶୀତଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଧାୟକ ରୂପୁ ଭତ୍ରା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ଏନ୍‌ଏସି ଅଧ୍ୟକ୍ଷ ଏମ୍. ଶଙ୍କର ରାଓ, ଅନାମୁ ଦିଆନ, ଜେ. ହେମା ରାଓ, ବାର କାଉନସିଲ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା, ପାଣିପଞ୍ଚାୟତ ଅଧ୍ୟକ୍ଷ ବୀରେନ ବିଷୋୟୀ, ଗୋପୀ ବିଶୋୟୀ, ସ୍ପୋର୍ଟିଂ କ୍ଲବ୍ ସଭାପତି ସୀତାନାଥ ବିଶ୍ୱାଳ ଓ କଂଗ୍ରେସ ସଭାପତି ମନୋହର ବିଶୋୟୀ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ୨୦ ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କୋଷଗୁମୁଡା ବ୍ଲକ ଭଣ୍ଡାରିଗୁଡା ଓ ଉମରକୋଟ ବ୍ଲକ ଚିତ୍ରକୋଟ ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା କୌଣସି ଟିମ୍ ଗୋଲ କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଚିତ୍ରକୋଟ ୨ ଗୋଲ କରିଥିଲା। ଭଣ୍ଡାରିଗୁଡା ଶେଷ ସମୟ ମଧ୍ୟରେ ଗୋଲ କରି ପାରି ନ ଥିଲା। ଚିତ୍ରକୋଟ ୨–୦ରେ ବିଜୟୀ ହୋଇଥିଲା। ଆଇନଜୀବୀ ଶଙ୍କର ପଣ୍ଡା ତାଙ୍କ ଭାଇ ଭବାନୀ ପଣ୍ଡାଙ୍କ ଉଦ୍ଦେଶ୍ୟରେ ବିଜେତାଙ୍କୁ ଟ୍ରଫି ସହ ୨୫ହଜାର ଟଙ୍କା କରିଥିଲେ। ଉପବିଜେତାଙ୍କୁ ରାଜେନ୍ଦ୍ର ନାୟକ ତାଙ୍କ ବାପା ତାରିଣୀ ନାୟକଙ୍କ ଉଦ୍ଦେଶ୍ୟରେ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟର ଆୟୋଜକ କମିଟି ସଭାପତି ଅକ୍ଷୟ ସ୍ୱାଇଁ, ଉପସଭାପତି ସନ୍ତୋଷ ଜେନା, ସହ ସମ୍ପାଦକ ବିଷ୍ଣୁ ଚାଲାଣ, କୋଷାଧ୍ୟକ୍ଷ ରମେଶ ରନ୍ଧାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟକ୍ଷ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ

### କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ଜିଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୨୨।୧
(ଅମିତାଭ ବେହେରା)


ଛାତ୍ରୀଛାତ୍ର ଜିଲାପାଳଙ୍କୁ ଅଭିଯୋଗ ଜଣାଉଛନ୍ତି।

କୋରାପୁଟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଏକାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ସ୍କୁଲ ଅଧ୍ୟକ୍ଷ ମାନସିକ ନିର୍ଯାତନା ଦେଉଥିବା ନେଇ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରିନ୍ସିପାଲ ପିଲାଙ୍କୁ ଅପଶବ୍ଦ କହିବା ସହ ପିଲାଙ୍କ କୌଣସି ନିଷ୍ପତିରେ ସହଯୋଗ କରୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ ଆଣିଛନ୍ତି। ଅଧ୍ୟକ୍ଷଙ୍କ ଏଭଳି ଆଚରଣ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଖରାପ ପ୍ରଭାବ ପକାଇବ ବୋଲି କହିଛନ୍ତି। ଏହା ପୂର୍ବରୁ ପ୍ରିନ୍ସିପାଲଙ୍କ ବିରୋଧରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମୁଖ୍ୟ ଅଧିକାରୀଙ୍କୁ ଛାତ୍ରୀଛାତ୍ର ଜଣାଇଥିଲେ। ଏହାକୁ ନେଇ ଜାନୁଆରୀ ୨୧ରେ ସଙ୍ଗଠନର ଅତିରିକ୍ତ କମିଶନର ତଦନ୍ତ କରିବାକୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହାର ଦିନକ ପରେ ପ୍ରିନ୍ସିପାଲ ବିଦ୍ୟାଳୟକୁ ଆସି ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମାଧାନ ହୋଇଯାଇଛି। ତାଙ୍କ ନିଜ ଲୋକ ସଙ୍ଗଠନରେ ରହିଥିବାରୁ ତାଙ୍କର କିଛି ଅସୁବିଧା ହେବ ନାହିଁ ବୋଲି କହିଥିଲେ। ଏଥିରେ ଛାତ୍ରୀଛାତ୍ର ଭାଙ୍ଗି ପଡି ଜିଲାପାଳଙ୍କୁ ଅସୁବିଧା ସମ୍ପର୍କରେ ଅବଗତ କରିଛନ୍ତି। ୨ ଦିନ ମଧ୍ୟରେ ଏକ ଟିମ୍ ପଠାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ଜିଲାପାଳ ପିଲାଙ୍କୁ ପ୍ରତିଶ୍ରୁତି ଦେଇଥିବା ଛାତ୍ରୀଛାତ୍ର କହିଛନ୍ତି। ବିଭିନ୍ନ ସମୟରେ ଅଭିଭାବକମାନଙ୍କୁ ମଧ୍ୟ ପ୍ରିନ୍ସିପାଲ ଖରାପ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଘଟଣା: ସ୍ୱାମୀ ଅଟକ

ନନ୍ଦପୁର/ପାଡୁଆ,୨୨।୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ବାଡେଲ ଗ୍ରାମରେ ଅନ୍ୱେଷା(୨୦) ନାମକ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଘଟଣାରେ ପୋଲିସ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗୁରୁବାର ଅଟକ ରଖିଛି। ମହିଳାଙ୍କ ମୃତଦେହ ହସ୍ପିଟାଲ ପରିସରରେ ଛାଡ଼ି ସ୍ୱାମୀ ଓ ତାଙ୍କ ପରିବାର ଫେରାର ହୋଇଯାଇଥିଲେ। ମୃତଦେହରେ ଥିବା ଏକାଧିକ କ୍ଷତ ଚିହ୍ନକୁ ଦେଖି ଅନ୍ୱେଷାଙ୍କୁ ଯୌତୁକ ନିର୍ଯାତନା ଓ ହତ୍ୟା କରାଯାଇଥିବା ତାଙ୍କ ବାପା ସୁବାଷ ମାଛ ପାଡୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ ୧୧/୨୦୨୬ରେ ମାମଲା ରୁଜୁ କରିଛି। ଅତିରିକ୍ତ ଥାନାଧିକାରୀ ଟୁନା ପିଡ଼ିକା ତଦନ୍ତ କରୁଛନ୍ତି। ଗୁରୁବାର ପୋଲିସ ସ୍ୱାମୀ ଆଶିଷ ଶୁକ୍ରୀ, ଶଶୁର ଘାସି ଓ ଶାଶୂ ରାଧିକଙ୍କୁ ଠାବ କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାନୁଯାୟୀ, ୨ ବର୍ଷ ତଳେ ଆଶିଷ ଓ ଅନ୍ୱେଷା ପ୍ରେମ ବିବାହ କରିଥିଲେ। ଶାଶୁ ଘର ଲୋକେ ମିଶି ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେବା ସହ ମାରପିଟ୍ କରୁଥିବା ଅନ୍ୱେଷା ଫୋନ ଯୋଗେ ବାପାଙ୍କୁ ସୂଚନା ଦେଇଥିଲେ। ଏ ନେଇ ୨ ପରିବାର ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ ଝିଅକୁ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ମିଶି ହତ୍ୟା କରି ଆତ୍ମହତ୍ୟା ରୂପ ଦେଉଥିବା ଏତଲାରେ ଉଲ୍ଲେଖ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ପ୍ରଘଟ ହେବ ବୋଲି ଥାନାଧିକାରୀ ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି।

# ନନ୍ଦପୁରରେ ବିଦେଶୀ ପର୍ଯ୍ୟଟକ



ନନ୍ଦପୁର,୨୨।୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ରାଜ୍ୟ ତଥା ବାହାରୁ ପର୍ଯ୍ୟଟକଙ୍କ ବିଦେଶୀ ପର୍ଯ୍ୟଟକ ମଧ୍ୟ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ସହ ହାଟ ବଜାର ବୁଲି ଆଦିବାସୀଙ୍କ ଜୀବନଜୀବିକା ସମ୍ପର୍କରେ ଜାଣିବାକୁ ବିଦେଶୀ ପର୍ଯ୍ୟଟକ ଆଗ୍ରହ ପ୍ରକାଶ କରୁଛନ୍ତି। ରୁଷିଆ, ସ୍କଟ୍‌ଲାଣ୍ଡ ଓ ଅନ୍ୟ ଦେଶରୁ ପର୍ଯ୍ୟଟକ ଟିମ୍ ନନ୍ଦପୁର ବ୍ଲକ୍‌ର ରାଣୀଡୁଡୁମା, ଲମତାପୁଟର ମାଛକୁଣ୍ଡ ଜଳପ୍ରପାତ, ପାଡୁଆ ସାପ୍ତାହିକ ହାଟ ବୁଲି ଦେଖିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ ଗାଇଡ୍ ପର୍ଯ୍ୟଟକଙ୍କୁ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ସମ୍ପର୍କରେ ସୂଚନା ଦେଉଥିଲେ।

# ଗୋବିନ୍ଦପାଲି ସ୍କୁଲ ପରିଦର୍ଶନକଲେ ଗଣଶିକ୍ଷା ମନ୍ତ୍ରୀ

ଗୋବିନ୍ଦପାଲି, ୨୨।୧ (କାର୍ତ୍ତିକ ରଥ)

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଲକାନଗିରି ଜିଲାର ପ୍ରବେଶଦ୍ୱାର ଗୋବିନ୍ଦପାଲିଠାରେ ଥିବା ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୁରୁବାର ସକାଳେ ଅଚାନକ ଗସ୍ତ କରି ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିବେଶକୁ ସଫା ସୁତୁରା ଏବଂ ଆକର୍ଷଣୀୟ ରଖିବାକୁ ମନ୍ତ୍ରୀ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କହିଥିଲେ। ପରେ ମନ୍ତ୍ରୀ ବିଭିନ୍ନ ଶ୍ରେଣୀକୁ ଯାଇ ପିଲାଙ୍କୁ ପ୍ରଶ୍ନ ପଚାରିଥିଲେ।ସୁବିଧା ଅସୁବିଧା ପଚାରିବା ସହ ନିଜେ ଆଣିଥିବା ଫଳ ବଣ୍ଟନ କରିଥିଲେ। ଏହି ସ୍କୁଲକୁ ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ କରିବାକୁ ଗ୍ରାମବାସୀ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଶହେ ବର୍ଷ ପୁରୁଣା ସ୍କୁଲକୁ ଉଚ୍ଚ ବିଦ୍ୟାଳୟ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ସହ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ଗଣ୍ଡ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଯୁବ ଏମ୍‌ପି ପ୍ରତିନିଧି ଶାନୁ ରଥ, ସରପଞ୍ଚ ଶ୍ରୀନିବାସ ମୁଦୁଲିଙ୍କ ସମେତ ଅନେକ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ମାଲକାନଗିରି ଅଭିମୁଖେ ଗସ୍ତ କରିଥିଲେ।


ମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

# ଅଚିହ୍ନା ବ୍ୟକ୍ତିଙ୍କୁ ନେଇ ସିମନବାଡ଼ିରେ ଆତଙ୍କ

ଦାରିଙ୍ଗବାଡ଼ି,୨୨।୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ଥାନା ସିମନବାଡ଼ି ଏବେ ଆସାମଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ଯୋଗୁ ସିମନବାଡ଼ି ଅଞ୍ଚଳକୁ ବାହାର ଅଞ୍ଚଳର ଅସାମାଜିକ ଯୁବକମାନେ ଡେରା ପକାଇବା ମୁଖ୍ୟ କାରଣ ବୋଲି କୁହାଯାଉଛି। ସିମନବାଡ଼ିର ମୁଖ୍ୟ ବଜାର ଦେଇ ରାଇକିଆକୁ ସଂଯୋଗ କରୁଥିବା ରାସ୍ତାରେ ବେଧଡ଼କ ଚୋରାମଦ କାରବାର ଚାଲିଛି। ମଦ କାରବାର ଯୋଗୁ ଅଚିହ୍ନା ଲୋକ ସିମନବାଡ଼ି ଅଞ୍ଚଳରେ ପଶି ବିଳମ୍ବିତ ରାତିରେ ଘରଘର ବୁଲି କିଛି ଜାଣିବାକୁ ଉଦ୍ୟମ କରୁଥିବା ଆଶଙ୍କା ପ୍ରକାଶ ପାଇଛି। ସିମନବାଡ଼ି ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ୨ ଅଜଣା ଯୁବକ ଘରଘର ବୁଲି କିଛି ଦେଖୁଥିବା ଓ ସାହିସାହି ବୁଲିଥିବା ସିସି କ୍ୟାମେରାରେ କଏଦ ହୋଇଛି। ଏନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି।

# ଉତ୍କଳ ସମ୍ମିଳନୀର ବୈଠକ

ଜୟପୁର,୨୨।୧(ପବନ ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖାର ଏକ ବୈଠକ ଜୟପୁର ଖାଲସାହି ହରିଶ୍ଚନ୍ଦ୍ର ପାର୍କ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ମଦନ ମୋହନ ନାୟକଙ୍କ ପୌରହିତ୍ୟରେ ୨ ପ୍ରସ୍ତାବ ନେଇ ଆଲୋଚନା ହୋଇଥିଲା। ଜୟପୁରରେ ଫେବୃଆରୀ ୨୮ ଓ ମାର୍ଚ୍ଚ ୧ରେ ହେବାକୁ ଥିବା ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ପାଇଁ ମାଲକାନାଗିରି କମିଟି ସହ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଶାଖାର ବ୍ୟାଙ୍କ ଆକାଉଣ୍ଟ ସୁପରିଚାଳନା ପାଇଁ ସମ୍ପାଦକ ନବୀନ ମାଦଲାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ କେନ୍ଦ୍ର ସମ୍ପାଦକ ବିରେନ ମୋହନ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ସୂର୍ଯ୍ୟନାରାୟଣ ରଥ, ବାଲା ରାୟ, ହରିହର କରସୁଧା ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହୋତା, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ସୂତାର ଧନ୍ୟବାଦ ଦେଇଥିଲେ।

# ଓୟୁଜେର ବନ୍ଧୁମିଳନ, କର୍ମକର୍ତ୍ତା ଚୟନ

କୋରୁକୋଣ୍ଡା,୨୨।୧(ଶିବଦତ୍ତ ସାହୁ )

### କୋରୁକୋଣ୍ଡା ବ୍ଲକ ସଭାପତି ଶିବଦତ୍ତ, ସମ୍ପାଦକ ମନୋଜ

ମାଲକାନଗିରି ଜିଲା ବାଲିମେଲା ସହରରେ ଥିବା କଲ୍ୟାଣମଣ୍ଡପ ପରିସରରେ ବୁଧବାର ସନ୍ଧ୍ୟାରେ ମାଲକାନଗିରି ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ) ସଂଘ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସମ୍ପାଦକ ଦେବପ୍ରସାଦ ଦାସଙ୍କୁ ବାଲିମେଲା ପ୍ରେସ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜ୍ୟ ସମ୍ପାଦକ ତଥା ମାଲକାନଗିରି ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର ସଭାପତି ଦେବପ୍ରସାଦ ଦାସ ପୌରୋହିତ୍ୟ କରିଥିଲେ।ଏମୟୁଜେର ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ସହସମ୍ପାଦକ ଅସୀମ ବିଶ୍ୱାସ, ମାଲକାନଗିରି ବ୍ଲକ ସଭାପତି ଶିବପ୍ରସାଦ କିର୍ତ୍ତନୀୟା,ବାଲିମେଲାର ପ୍ରଦୀପ କୁମାର ନାୟକ,ବାଲିମେଲା ପ୍ରେସ୍ କ୍ଲବ ସଭାପତି ରବି ରଶ୍ମି ଗୁରୁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁପତି ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟ ସମ୍ପାଦକ ଦାସଙ୍କୁ ବାଲିମେଲା ପ୍ରେସ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକଙ୍କ ସୁରକ୍ଷା ଓ ପେନସନ୍ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଓୟୁଜେ ସଦାସର୍ବଦା ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିଛି। ତେଣୁ ଆମେ ଏହି ସର୍ବ ପୁରାତନ ସଂଘର ସଦସ୍ୟତା ଗ୍ରହଣ କଲୁ ବୋଲି ନୂତନ ସଦସ୍ୟ କହିଥିଲେ। ଖବରଦାତା ଶିବଦତ୍ତ ସାହୁ, ବିଜୟ ଦାସ, ସୁଶାନ୍ତ ମହାରଣା ଓ ପ୍ରଦୀପ କୁମାର ନାୟକ ଏମୟୁଜେର ସଦସ୍ୟତା ଗ୍ରହଣ କରିଥିଲେ। ନୂତନ ସଦସ୍ୟଙ୍କୁ ଏମୟୁଜେ ସଭାପତି ଓ ଅନ୍ୟ ସଦସ୍ୟ ସ୍ୱାଗତ କରିଥିଲେ । ଏମୟୁଜେର କୋରୁକୋଣ୍ଡା ବ୍ଲକ ସଭାପତି ଭାବେ ଶିବଦତ୍ତ ସାହୁ, ସମ୍ପାଦକ ଭାବେ ମନୋଜଦେବ ପାଙ୍ଗୀ, ଯଦୁପତି ମହାନ୍ତି ବାଲିମେଲା ପ୍ରେସ୍ କ୍ଲବର ସମ୍ପାଦକ ଓ ରାକେଶ କୁମାର କୁଲଦୀପ କୋଷାଧ୍ୟକ୍ଷ ଭାବେ ସଂଘ ପକ୍ଷରୁ ସର୍ବସମ୍ମତି କ୍ରମେ ଘୋଷଣା କରାଯିବା ସହିତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଖବରଦାତା ସୁଭାଶିଷ କର ମଞ୍ଚ ପରିଚାଳନା କରିଥିଲେ।


ସମ୍ବର୍ଦ୍ଧିତ ହୋଇଥିବା ଖବରଦାତାମାନେ।

# ଆଜିର ଶିଶୁକନ୍ୟା ଆଗାମୀ ଦିନରେ ଦେଶର ଭବିଷ୍ୟତ

### ଜାତୀୟ ଶିଶୁକନ୍ୟା ଦିବସ

ମାଲକାନଗିର,୨୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ସଭାଗୃହରେ ଗୁରୁବାର ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁକନ୍ୟା ଭବିଷ୍ୟତରେ ପରିବାର ଏବଂ ଦେଶର ଭବିଷ୍ୟତ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଶିଶୁକନ୍ୟା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ଅଙ୍ଗନୱାଡି କେନ୍ଦ୍ରର ଅଧ୍ୟକ୍ଷା ସୁକ୍ତା ପ୍ରଧାନ, ଜିଲା ସାମାଜିକ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଧିକାରୀ ଟି. ଜୟଲକ୍ଷ୍ମୀ, ଆନୁସଙ୍ଗିକ ଯତ୍ନ ସୁରକ୍ଷା ଅଧିକାରୀ ସୁଦେଷ୍ଣା ରାଉତ, ସହକାରୀ ଶ୍ରମ ଅଧିକାରୀ ବିନି ମୁଦୁଲି, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ୟୁନିସେଫ ଅଧିକାରୀ ମୀନାକ୍ଷୀ ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଶିଶୁକନ୍ୟାଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା, ମ୍ୟୁଜିକ ଚେୟାର, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଶିଶୁକନ୍ୟାଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବିଶେଷକରି ଦେଶ ସ୍ୱାଧୀନ ପୂର୍ବରୁ ଶିଶୁକନ୍ୟାଙ୍କୁ ଅଣଦେଖା କରାଯିବା ସହ ପରିବାରରେ ଶିଶୁକନ୍ୟା ଜନ୍ମକୁ ନାପସନ୍ଦ କରୁଥିଲେ। ଶିଶୁକନ୍ୟାଙ୍କୁ ଶିକ୍ଷାଦାନରୁ ବଞ୍ଚିତ କରିବା ସହ କମ୍ ବୟସରେ ସେମାନଙ୍କ ବାଲ୍ୟ ବିବାହ କରୁଥିଲେ । କୋମଳମତି ଶିଶୁଟି ବିବାହ ପରେ ଶାଶୁଘରେ ଶାଶୁ ଶ୍ୱଶୁର ସହ ପରିବାର ସେବା, ରୋଷେଇ, ବାସନ ମଜା, ଘର ସଫା ଏବଂ ଜମିବାଡିରେ କାର୍ଯ୍ୟ କରାଉଥିଲେ । କନ୍ୟାମାନଙ୍କୁ ଅନେକ ନିର୍ଯାତନା ସହିବାକୁ ପଡୁଥିଲା। ଫଳରେ ନାରୀ ସମାଜ ଆଗେଇପାରୁ ନ ଥିଲା। ଭାରତବର୍ଷରେ ଯେଉଁମାନେ ଶିଶୁ କନ୍ୟାମାନଙ୍କୁ ଯତ୍ନ, ଶିକ୍ଷା ଦେବା ଉପଯୁକ୍ତ ସମୟରେ ବିବାହ ଦେଉଥିଲେ, ଉଚ୍ଚ ଶିକ୍ଷିତ କରୁଥିଲେ ସେହି କନ୍ୟାମାନେ ସମାଜରେ ଆଗକୁ ବଢିବା ସହ ଦେଶରେ ପ୍ରଧାନମନ୍ତ୍ରୀଠାରୁ ଆରମ୍ଭ କରି ଅନେକ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ ଭାବେ ବିଭିନ୍ନ ବିଭାଗରେ ଦାୟିତ୍ୱ ନେଇ ପରିବାରର ସୁନାମ ଅର୍ଜନ ସହ ଦେଶ ଆଗେଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛନ୍ତି। ଏବେ ବି ଅନେକ ଅଞ୍ଚଳରେ ଶିଶୁକନ୍ୟାଙ୍କୁ ଘରୁ ବାହାରକୁ ଯିବା ପାଇଁ ଅନୁମତିଦିଆ ଯାଏ ନାହିଁ। ଗର୍ଭବତୀ ସମୟରେ ମେଡିକାଲ ଟେଷ୍ଟ କରି ଶିଶୁକନ୍ୟାର ଭ୍ରୂଣହତ୍ୟା, ଶିଶୁକନ୍ୟା ଜନ୍ମ ପରେ ତାଙ୍କୁ ବିଭିନ୍ନ ନଦୀ ନାଳ, ନର୍ଦ୍ଦମାରେ ଫିଙ୍ଗି ଦିଆଯାଉଥିବା ଘଟଣା ଅନେକ ନଜିର ଅଛି। କିନ୍ତୁ ଆଜି ଆମ ଦେଶ, ଆମ ରାଜ୍ୟରେ ଶିଶୁକନ୍ୟାଙ୍କ ଭବିଷ୍ୟତ ଗଠନ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଏହାଦ୍ୱାରା ଦେଶ, ରାଜ୍ୟ ଓ ମାଲକାନଗିରି ଜିଲାରେ ଅନେକ ଶିଶୁକନ୍ୟା ବଡ ହୋଇ ବିଭିନ୍ନ ଉଚ୍ଚ ପଦପଦବୀ, ଡାକ୍ତର, ପାଇଲଟ, ରାଜନେତା, ସାମାଜିକ କର୍ମୀ ହୋଇପାରିଛନ୍ତି। ଶିଶୁକନ୍ୟାଙ୍କ ଶିକ୍ଷାଦାନର ସମସ୍ତ ଦାୟିତ୍ୱ ସରକାର ନେଇଥିବାରୁ ଆଜି ଶିଶୁକନ୍ୟାଙ୍କ ପରିବାର ନିଜର କନ୍ୟାକୁ ଉଚ୍ଚ ଶିକ୍ଷିତ କରିବାରେ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ରାଜ୍ୟରାଣୀ ଟ୍ରେନ୍‌ରେ ଲାଗିବ ଏଲ୍‌ଏଚ୍‌ବି କୋଚ୍




ଗୁଣପୁର,୨୨।୧( ସୁଜାତା ପାଢ଼ୀ)

ରାଉରକେଲା ଗୁଣପୁର ରାଜ୍ୟରାଣୀ ଟ୍ରେନ୍‌ରେ ଲାଗିବ ଏଲ୍‌ଏଚ୍‌ବି କୋଚ୍ । ଏ ନେଇ ବୁଧବାର ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଟ୍ରେନ୍‌ରେ ଆଇସିଏଫ୍ କୋଚ ଲାଗିଥିଲା। ଏଥିରେ ବର୍ତ୍ତମାନ ଏଲ୍‌ଏଚ୍‌ବି କୋଚ ଲଗାଯିବା ପାଇଁ ସ୍ଥିର ହୋଇଛି। ଆସନ୍ତା ୨୫ ତାରିଖରୁ ରାଉରକେଲା ଏବଂ ୨୬ ତାରିଖରେ ଗୁଣପୁର ପଟୁ ସଂଯୋଗ ହୋଇ ଚଳାଚଳ କରିବ । ଏହାଦ୍ୱାରା ର୍‍ୟାକ ଅଧିକ ସୁରକ୍ଷିତ, ଅଧିକ ସୁସ୍ଥ ଯାତ୍ରା, ଦୁର୍ଘଟଣା ସମୟରେ ନିମ୍ନ ଜୋଖିମ, ଅଧିକ ସ୍ପିଡ ସମର୍ଥନ ଭଳି ଲାଭ ଯାତ୍ରୀମାନେ ପାଇ ପାରିବେ।

# ଅନାସ୍ଥାରେ ଗୁଡାରି ବ୍ଲକ୍ ଅଧ୍ୟକ୍ଷାଙ୍କ ପଦ ଗଲା

ଗୁଡ଼ାରି,୨୨।୧ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତହେବା ସହ ମତଦାନ ହୋଇଥିଲା। କିନ୍ତୁ ଅନାସ୍ଥା ବିରୋଧରେ ଅଧ୍ୟକ୍ଷା ଶବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ନ୍ୟାୟାଳୟ ମଧ୍ୟ ଭୋଟ ହେବ, କିନ୍ତୁ ଗଣତି ସ୍ଥଗିତ ରଖିବା ନିମନ୍ତେ ରାୟ ଦେଇଥିଲେ। ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଧାର୍ଯ୍ୟ ତାରିଖ ମୁତାବକ ଗୁରୁବାର କଡା ସୁରକ୍ଷା ବଳୟରେ ଗୁଣପୁର ଟ୍ରେଜେରିରୁ ବାଲଟ ବକ୍ସ ଅଣାଯାଇ ଗଣତି କରାଯାଇଥିଲା। ଏହି ସମୟରେ ବ୍ଲକ୍‌ର ମୋଟ ୧୬ ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପସ୍ଥିତିରେ ପଠାସୀନ ଅଧିକାରୀ ତଥା ତହସିଲଦାର ଏ. ସ୍ନେହଲତା ଓ ବିଡିଓ ସୁଚିସ୍ମିତା ବେହେରାଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇଥିଲା। ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ସମସ୍ତ ୧୬ଟି ଭୋଟ ପଡିଥିଲା। ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲ ଗଣତିର ଫଳାଫଳ ଘୋଷଣା କରିବା ସହ ୨୨।୧।୨୦୨୬ଠାରୁ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ତାଙ୍କ ପଦ ତ୍ୟାଗ କରିଛନ୍ତି ବୋଲି ବିବେଚନା କରାଯିବ ବୋଲି ବିଜ୍ଞପ୍ତି ଜାରି କରିଥିଲେ।

ସୂଚନା ଅନୁଯାୟୀ, ଗୁଡ଼ାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ମନମୁଖି କାର୍ଯ୍ୟକୁ ବିରୋଧକରି ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୨୪।୭।୨୦୨୫ରେ ବ୍ଲକ୍‌ର ୯ଟି ଗ୍ରାମପଞ୍ଚାୟତର ମୋଟ ୧୬ ଜଣ ସରପଞ୍ଚ ଓ ସମିତି ସଭ୍ୟ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ଗତ ୧୩ ତାରିଖରେ ଗୁଣୁପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅନାସ୍ଥା ବିରୋଧରେ ହୋଇଥିବା ଭୋଟ ଗଣତି କରିବା ପାଇଁ ଗୁଡାରି ବ୍ଲକ୍ କାର୍ଯ୍ୟାଳୟରେ ଗୁରୁବାର ଦିନ ଧାର୍ଯ୍ୟ ହୋଇଥିଲା। ଫଳାଫଳ ଘୋଷଣା ପରେ ସତ୍ୟର ଜୟ ହୋଇଛି ବୋଲି କହିବା ସହ ଗୁଣପୁର ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ଙ୍କୁ ୧୬ ସରପଞ୍ଚ ଶ୍ରେୟ ଦେଇଛନ୍ତି। ସେହିପରି ଅସଡ଼ା ସରପଞ୍ଚ ସୁଦାମ ଶବର କହିଛନ୍ତି, ଅଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ କରିବା ପାଇଁ କଂଗ୍ରେସ, ଭାଜପା ଓ ବିଜେଡିର ସହଯୋଗ ରହିଥିଲା । ବର୍ତ୍ତମାନଠାରୁ ବ୍ଲକ୍‌ରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିବ। ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ଉପସ୍ଥିତିରେ ଭୋଟଗଣତି କରାଯାଇଥିଲା।



ଅନାସ୍ଥା ବିରୋଧରେ ଭୋଟ ଦେଇଥିବା ସରପଞ୍ଚ ଓ ସମିତିସଭ୍ୟ।

# ଜୀବନ ଜୀବିକା,ଜୈବ ବିବିଧତାର ସୁରକ୍ଷା ପାଇଁ ତାଲିମ

ଟିକିରି,୨୨।୧(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କାର୍ଯ୍ୟାଳୟରେ ଗ୍ରାମୀଣସ୍ତରରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ପରିବେଶ ପୁନରୁଦ୍ଧାର ଏବଂ ଜୀବନ ଜୀବିକାର ପ୍ରଗତି ଏବଂ ସୁରକ୍ଷା ସମ୍ପର୍କିତ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ବିଭାଗର କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନେ ତାଲିମ ନେଇଥିଲେ। ଜଳ, ଜମି, ଜଙ୍ଗଲ, ଜନ୍ତୁ, ମାଟି,ଏବଂ ସମଗ୍ର ଜୈବମଣ୍ଡଳର ସୁରକ୍ଷା ରଖିବାକୁ ପ୍ରଶିକ୍ଷକମାନେ ତାଲିମ ଦେଇଥିଲେ। ମୂଳସ୍ତରରେ ରହି ସରକାରୀ ଯୋଜନା ମାଧ୍ୟମରେ ଲୋକଙ୍କୁ କିପରି ସଚେତନ କରାଯାଏ, ଯୋଜନା ପରେ ଗ୍ରାମସ୍ତରରେ ଚିରନ୍ତନ ଆତ୍ମନିର୍ଭରଶୀଳ କିପରି ହୋଇପାରିବେ ସେଥିନିମନ୍ତେ କ୍ଷେତ୍ର କର୍ମଚାରୀମାନେ ତାଲିମ ନେଇଥିଲେ। ଏଥିରେ ପ୍ରାକୃତିକ କୃଷି, ଏମ୍ ଜିଏନ୍‌ଆରଇଜିଏମସ୍, ପ୍ରାଣିସମ୍ପଦର ସୁରକ୍ଷା, ଜୀବନ ଜୀବିକାର ନିଶ୍ଚିତ ସୁରକ୍ଷା ସହ ସାମାଜିକ ବିକାଶ କରିବା ପାଇଁ ପ୍ରଶିକ୍ଷକ ରୂପେ ଯୋଗଦେଇ କୃଷି ଅଧିକାରୀ ନିରଞ୍ଜନ ନାୟକ ଏବଂ ବନ ଅଧିକାରୀ ଏସ୍.ଶୁଭସ୍ମିତା ପ୍ରଶିକ୍ଷଣ ଦେଇଥିଲେ। ବ୍ଲକର କୃଷି, ପ୍ରାଣୀ ସମ୍ପଦ, ଓଡ଼ିଶା ଜୀବନ ଜୀବିକା ମିଶନ, ମିଶନ ଶକ୍ତି ବିଭାଗର କୃଷି ଅଧିଦର୍ଶକ, ପଶୁଧନ ନିରୀକ୍ଷକ,ଏମ୍‌ବିକେ, ସିଆର୍‌ପି, କୃଷକ ସାଥୀ ତାଲିମ ନେଇଥିଲେ। କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟ ଦାଶ ଏବଂ ପେସା ସଂଯୋଜକ ନିତ୍ୟାନନ୍ଦ ନାଏକ ପରିଚାଳନା କରିଥିଲେ।



ପ୍ରଶିକ୍ଷକଙ୍କ ସହ ତାଲିମ ନେଇଥିବା କ୍ଷେତ୍ର କର୍ମଚାରୀ।

# ମେଳାରେ ୪୧ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

କଲ୍ୟାଣସିଂହପୁର, ୨୨।୧ (ଦୀପକ କୁମାର ପରିଡା)

କଲ୍ୟାଣସିଂହପୁର ସଦର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପରିବେଶ ପାଇଁ ସ୍ଥାଇ ଜୀବନ ସୋଲ୍ୟ ଉପରେ ବ୍ଲକ୍‌ସ୍ତରୀୟ ପ୍ରଦର୍ଶନୀ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ସେଠି, ମୋହନ ରାଓ କଣ୍ଡାଗିରି, ମୁଖ୍ୟବକ୍ତା ଭାବେ ଏଙ୍କଟେଶ୍ୱର ପାଢ଼ୀ , ସମ୍ମାନିତ ଅଥିତି ଭାବେ ଗୁଡୁଲା ନାଗେଶ କୁମାର, ମାନସିଙ୍ଗ ଗରଡ଼ିଆ, ଧର୍ମେନ୍ଦ୍ର ବଣ୍ଡୁଆ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦଳାଇ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାଙ୍କ ଦ୍ୱାରା ମୋଟ ୪୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବେ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ବିଜୟ ପାତ୍ର, ସିକି ବେହେରା, ଏମ ଆଶା ରହିଥଲେ ! ଏଥିରେ ପ୍ରଥମ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ୧୫୦୦, ଦ୍ୱିତୀୟ ବିଜେତାଙ୍କୁ ୧୦୦୦, ଏବଂ ତୃତୀୟଙ୍କୁ ୫୦୦ ଟଙ୍କ ପ୍ରଦାନ କରାଯାଇଛି । ଶିକ୍ଷକ ସିରିଧର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଜେତା ଛାତ୍ରୀଛାତ୍ର ୨୭ ତାରିଖରେ ହେବାକୁ ଥିବା ଜିଲାସ୍ତରରେ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡ଼ିଛି। ଶିକ୍ଷକ ଉମାଶଙ୍କର ଖରା, ଅଜିତ କୁମାର ଦାସ, ଗୀତାଞ୍ଜଳି ଗମାଙ୍ଗ, ଅଶ୍ୱିନି କୁମାର ପଟ୍ଟନାୟକ, ମନୋଜ ସାହୁକାର, ପଙ୍କଜ କାଡ୍ରାକା, ବାଦଲ କୁମାର ନାଚିକା ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# କାର୍ଯ୍ୟାଦେଶ ବଣ୍ଟନକୁ ନେଇ ବିଡିଓଙ୍କୁ ଘେରିଲେ ଜନପ୍ରତିନିଧି



ରାୟଗଡ଼ା ବିଡିଓଙ୍କୁ ଜନପ୍ରତିନିଧି ଘେରାଉ କରିଛନ୍ତି।

ରାୟଗଡ଼ା,୨୨।୧(ଆଶିଷ ରଞ୍ଜନ ପଣ୍ଡା)

**କାର୍ଯ୍ୟ ଖସଡ଼ା ପୁନଃ ପ୍ରସ୍ତୁତି ପାଇଁ ଦାବିକଲେ ଅଧ୍ୟକ୍ଷା, ଉପାଧ୍ୟକ୍ଷ**

କାର୍ଯ୍ୟାଦେଶ ବଣ୍ଟନ ଏବଂ ଅଞ୍ଚଳର ବିକାଶ ନେଇ ରାୟଗଡ଼ା ବିଡିଓ ସୁଜିତ୍ କୁମାର ମିଶ୍ରଙ୍କୁ ଘେରିଛନ୍ତି ବ୍ଲକର ନିର୍ବାଚିତ ପ୍ରତିନିଧି। ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେଉ ନ ଥିବା ବେଳେ ଶାସକ ଦଳର ନେତାଙ୍କୁ ହାତବାରିଶି କରି କାର୍ଯ୍ୟାଦେଶ ବଣ୍ଟନ କରାଯାଉଥିବା ନେଇ ବିଡିଓଙ୍କ ବିରୋଧରେ ଅନେକ ସମିତି ସଭ୍ୟ ଓ ସରପଞ୍ଚ ଅଭିଯୋଗ ଆଣିଛନ୍ତି। ବ୍ଲକ ଅଧ୍ୟକ୍ଷା ରୁନି ହୁଇକା ଓ ଉପାଧ୍ୟକ୍ଷ ହରପ୍ରସାଦ ହେପୃକାଙ୍କ ନେତୃତ୍ୱରେ ୨୦ ଜଣ ସରପଞ୍ଚ, ସମିତି ସଭ୍ୟ ଓ ୨ ଜିଲା ପରିଷଦ ସଭ୍ୟ ପ୍ରାୟ ୨ଘଣ୍ଟା ଧରି ବିଡିଓ ମିଶ୍ରଙ୍କୁ ଘେରାଉ କରିଥିଲେ ।

ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ରାୟଗଡା ବ୍ଲକ୍‌କୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିବାବେଳେ ସବୁ ଅନୁଦାନକୁ ବ୍ଲକ ଅଧ୍ୟକ୍ଷା କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ବିନା ପରାମର୍ଶରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଭାଜପା ନେତାଙ୍କୁ ସୁହାଇଲା ପରି କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିବା ବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏଭଳିକି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ବିଡିଓ ମିଶ୍ର କାମ ଦେଉଛନ୍ତି ବୋଲି ସମିତି ସଭ୍ୟ ଭୂଷଣ ବିଡ଼ିକା ଓ ଅନ୍ୟମାନେ ଅଭିଯୋଗ କରିଥିଲେ । ପ୍ରାୟ ୨ ଘଣ୍ଟା ନିର୍ବାଚିତ ପ୍ରତିନିଧିଙ୍କ ପ୍ରଶ୍ନବାଣର ଶିକାର ହୋଇ ବିଡିଓ ସୁଜିତ୍ ମିଶ୍ର କାର୍ଯ୍ୟାଳୟରୁ ଚାଲି ଯାଇଥିଲେ। ତେବେ ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ପ୍ରସ୍ତୁତ ହୋଇଥିବା କାର୍ଯ୍ୟ ଖସଡା ତୁରନ୍ତ ପରିବର୍ତ୍ତନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ନିର୍ବାଚିତ ପ୍ରତିନିଧି ପ୍ରକାଶ କରିଛନ୍ତି । ଅନ୍ୟପଟେ ହୋଇଥିବା ଅଭିଯୋଗକୁ ଖଣ୍ଡନ କରିବା ସହିତ ଘଟଣାର ଅନୁଧ୍ୟାନ କରାଯିବ ବୋଲି ରାୟଗଡା ବିଡିଓ ମିଶ୍ର ସୂଚନା ଦେଇଛନ୍ତି। ଏହାକୁ ନେଇ ରାୟଗଡ଼ା ରାଜନୀତିରେ ନୂଆ ବିବାଦର ସୂତ୍ରପାତ ହୋଇଛି।

# ସ୍ଥାୟୀ ଜୀବନଶୈଳୀ ସମ୍ପର୍କିତ ବିଜ୍ଞାନ ପ୍ରଦର୍ଶନୀ

ମୁନିଗୁଡ଼ା,୨୨।୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ସରକାରୀ ନୋଡାଲ ହାଏର ସେକେଣ୍ଡାରୀ ସ୍କୁଲ ପରିସରରେ ସ୍ଥାୟୀ ଜୀବନଶୈଳୀ ଉପରେ ଆଧାରିତ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଦୁଷ୍ମନ୍ତ ମାଝୀଙ୍କ ସଭାପତିତ୍ୱ ଓ ବରିଷ୍ଠ ଶିକ୍ଷୟିତ୍ରୀ ଏମ.ସାଇଲକ୍ଷ୍ମୀଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥିଭାବେ ବିଇଓ ଗଣେଶ ଶବର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନନ୍ଦ କିଶୋର ପଟ୍ଟନାୟକ, ସିଆରସିସି ବାଲାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମେଳାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୨୬ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଚାରକ ମଣ୍ଡଳୀଭାବେ ଅଧ୍ୟାପକ ମାନସ ରଞ୍ଜନ କର, ଅଭିଷେକ ପଣ୍ଡା ଓ ଅଧ୍ୟାପିକା ଜ୍ଞାନେଶ୍ୱରୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପକୁ ବିଚାର କରିଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅତିଥିମାନେ ମେଳାରେ ପ୍ରଥମ ସ୍ଥାନରେ ଅନସୁଲ ସୁବୁଦ୍ଧି, ଦିତୀୟ ସ୍ଥାନରେ ଅଙ୍କିତା ମହାପାତ୍ର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପୁନମ ସାମଲଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରିବା ସହ ଆଗାମୀ ଦିନରେ ହେବାକୁଥିବା ଜିଲାସ୍ତରୀୟ ବିଜ୍ଞାନ ମେଳାରେ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିବେ ବୋଲି ସୂଚନା ଦେଇଥିଲେ ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ଏକାଠି ହେଲେ ଠିକାଦାର ସଂଘ

ଗୁଣପୁର ୨୨।୧(ସଂକେତ ପାତ୍ର)

ଗୁଣପୁର ଜଗନ୍ନାଥ ମନ୍ଦିରଠାରେ ଗୁଣପୁର ଉପଖଣ୍ଡର ସମସ୍ତ ଠିକାଦାର ଏକାଠି ହୋଇ ଆଲୋଚନା କରିଥିଲେ। କିଛିଦିନ ହେବ ସରକାରୀ କଳର ବିଭିନ୍ନ ବିଭାଗରେ ହେଉଥିବା ଉନ୍ନୟନ କାମର ଟେଣ୍ଡରଗୁଡିକରେ ଠିକାଦାରମାନେ ୧୪.୯୯ % ଲେସ୍ କରି ଯେଉଁ ଟେଣ୍ଡର ପକାଉଥିଲେ ତାହା ଏବେ ସମସ୍ତ ଠିକାଦାର ସିଡ୍ୟୁଲ ହାରରେ ପକାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସରକାରଙ୍କ ନିୟମାନୁଯାୟୀ ଯେଉଁ ଟେଣ୍ଡର ପ୍ରକ୍ରିୟା ହୋଇଛି, ତାହା ସମସ୍ତ ଠିକାଦାର ଏକତ୍ରିତ ହେବା ଆବଶ୍ୟକତା ଥିବା ବୈଠକରେ ଆଲୋଚନା ହୋଇଥିଲା। ସମସ୍ତେ ଏକ ହେଲେ ସରକାରଙ୍କ ଉନ୍ନୟନ କାମ ଠିକ ଭାବେ ହେବା ସହ ଠିକାଦାରମାନେ ନିଜର ପ୍ରାପ୍ୟ ପାଇପାରିବେ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତେ ସହଯୋଗ କରିବା ପାଇଁ କିଛି ବରିଷ୍ଠ ଠିକାଦାର ନିବେଦନ କରିଥିଲେ। ଏଥିରେ ସମସ୍ତେ ସହୋଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ ପାଇଁ ସଂକଳ୍ପ

ଗୁଡାରି,୨୨।୧ (ପ୍ରମୋଦ କୁମାର ପତି)

ଗୁଡାରି ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲ ପରିସରରେ ରାଷ୍ଟ୍ରଗୀତ 'ବନ୍ଦେମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ଗାନ କରାଯାଇଥିଲା। ବିଡ଼ିଓ ସୁଚିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ରଞ୍ଜନ କର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ମଧୁବନ ସରପଞ୍ଚ ବଂଶୀ ଶବର ଓ ସହକାରୀ ଯନ୍ତ୍ରୀ ସସ୍ମିତା ଶବର ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ବିଡ଼ିଓ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ କହିଥିଲେ। ସ୍ୱଦେଶୀ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ ଓ ସାମୂହିକ ସଂକଳ୍ପ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ମଞ୍ଚାସୀନ ଅଧିକାରୀ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ବିପିସି ମିଶନ ଶକ୍ତି ସୁନୀଲ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୁଡାରିରେ ହିନ୍ଦୁ ସମ୍ମିଳନୀ

ଗୁଡାରି,୨୨।୧ (ପ୍ରମୋଦ କୁମାର ପତି)

ଗୁଡାରିସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରେ ହିନ୍ଦୁ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଛି। ଗୁଡାରି ହିନ୍ଦୁ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହର ଏବଂ ପାଖ ଅଞ୍ଚଳର ବହୁ ହିନ୍ଦୁ ଭାଇ ଭଉଣୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ନିଗ୍ଧା ରାଣୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବ୍ରହ୍ମ କୁମାରୀ ଦିବାସିନୀ ଭଉଣୀ, ମହିମା ଜନ କଲ୍ୟାଣ ଆଶ୍ରମର ସାଧୁ ଅନାଦି ଦାସ, ଆରଏସ୍‌ଏସ୍‌ର ନୂଆପଡା ଖଣ୍ଡ ପ୍ରଚାରକ ପି. ଚକ୍ରଧର ପ୍ରମୁଖ ଅତିଥି ଭାବେ ଯୋଗଦେଇ ହିନ୍ଦୁ ସନାତନ ଧର୍ମକୁ ବଞ୍ଚେଇ ରଖିବା ନିମନ୍ତେ ସମସ୍ତ ହିନ୍ଦୁ ଭାଇ ଏକତ୍ରିତ ହେବା ଆବଶ୍ୟକ ବୋଲି ପ୍ରବଚନ ମାଧ୍ୟମରେ କହିଥିଲେ। ଏହି ଅବସରରେ ରାମନାମ ସଙ୍କୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଙ୍ଗାଧର ଚାଲାଣ, କୃଷ୍ଣଚନ୍ଦ୍ର ସାହୁ, ଗଣପତି ପାତ୍ର, ରଞ୍ଜନ ରଥ, ବାରଟି ତିରୁମୁଲା, ମାଲୁ ବାରିକ, କିରନ ନନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତୀକ୍ଷାଳୟ ନିର୍ମାଣ କରାଯିବ: ବିଧାୟକ

ଗୁଣପୁର,୨୨।୧ ( ସୁଜାତା ପାଢ଼ୀ/ ସଂକେତ ପାତ୍ର)

**ଜଗନ୍ନାଥପୁର ସିଏଚ୍‌ସିର ରୋଗୀ କଲ୍ୟାଣ ସମିତି ବୈଠକ**

ରାୟଗଡ଼ା ଜିଲା ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜଗନ୍ନାଥପୁର ସିଏଚ୍‌ସିର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ ଅମରେଶ ଜେନା, ସିଡିପିଓ, ଏବିଇଓ , ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ, ବିଧାୟକ ପ୍ରତିନିଧି, ଜଗନ୍ନାଥପୁର ପଞ୍ଚାୟତ ସରପଞ୍ଚ ଓ ରୋଗୀ କଲ୍ୟାଣ ସମିତିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସିଏଚ୍‌ସି ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଜେନା ସ୍ୱାଗତ ଭାଷଣ ଦେବା ସହ ରୋଗୀ କଲ୍ୟାଣ ସମିତିର ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ । ଡା. ନିହାର ରଞ୍ଜନ ପଟ୍ଟନାୟକ ବୈଠକକୁ ପରିଚାଳନା କରିଥିଲେ। ଡା. କାଳୀପ୍ରସାଦ ପଣ୍ଡା ରୋଗୀ କଲ୍ୟାଣ ସମିତିର ବାର୍ଷିକ ଖର୍ଚ୍ଚର ବିବରଣୀ ପ୍ରଦାନ କରିଥିଲେ। ବିଧାୟକ ନିଜର ଅଭିଭାଷଣରେ ବାଡିଲି ଗୁଣପୁର ମୁଖ୍ୟ ସଡ଼କରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ପାଇଁ ପ୍ରତୀକ୍ଷାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁନ୍ଦର ଉଦ୍ୟାନ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବେଶ ପଥରୁ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ସଂଯୋଗ ପଥ ଆଦି ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚ ମଧ୍ୟ ନିଜ ପାଣ୍ଠିରୁ କିଛି ଅର୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ନିମନ୍ତେ ବିନିଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ବୈଠକରେ ବିଧାୟକଙ୍କ ସହ ଉପସ୍ଥିତ ଡାକ୍ତରମାନେ।

# ସ୍ମାର୍ଟ ମିଟର ଲଗାଇ କର୍ମଚାରୀ ଛଟେଇ ଯୋଜନାକୁ ବରଦାସ୍ତ କରାଯିବନି

**ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ବାର୍ଷିକୋତ୍ସବ**

ରାୟଗଡ଼ା,୨୨।୧(ଆଶିଷ ରଞ୍ଜନ ପଣ୍ଡା)



କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର କର୍ମକର୍ତ୍ତା।

ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ୩ଦିନିଆ ରାଜ୍ୟସ୍ତରୀୟ ୬୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ୨ ଦିନରେ ଅତିଥିମାନେ ଯୋଗଦେଇ ସଂଘର ସଦସ୍ୟଙ୍କୁ ଉତ୍ସାହିତ କରିବା ସହିତ ଘରୋଇ କମ୍ପାନୀ ବିଦ୍ୟୁତ୍ ପରିଚାଳନା ନେଇ ବର୍ତ୍ତମାନ ସ୍ମାର୍ଟ ମିଟର ଲଗାଇ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଥିବା ଅଭିଯୋଗ କରିଛନ୍ତି। ତୃତୀୟ ଦିବସ ଗୁରୁବାର ସ୍ଥାନୀୟ ଟାଉନ ହଲ୍‌ଠାରେ ସଂଘ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍ମାର୍ଟ ମିଟିର ଲଗାଇ କର୍ମଚାରୀ ଛଟେଇ ଯୋଜନକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଯଦି ଏପରି ହୁଏ ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଚେତାବନୀ ଦେଇଛନ୍ତି। ଯଦି ପ୍ରତ୍ୟେକ ଘରେ ସ୍ମାର୍ଟ ମିଟର ବସାଯାଏ, ତା'ହେଲେ ୧୫ ହଜାର ଶ୍ରମିକ ସେମାନଙ୍କ ଜୀବିକା ହରାଇବେ ବୋଲି ସଭାପତି ମହାପାତ୍ର କହିଥିଲେ। ସେହିପରି ପୁରୁଣା ପେନ୍‌ସନ ନିୟମ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଲାଗୁ କରିବା ସହ ଠିକା କର୍ମଚାରୀଙ୍କ ମଜୁରି ବର୍ଦ୍ଧିତ ଓ ସମାନ କାମକୁ ସମାନ ଦରମା ପାଇଁ ରାଜ୍ୟ ସରକାରଙ୍କଠାରେ ହୋଇଥିବା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ସଂଘ ତରଫରୁ ପୁନଃ ଦାବି ହୋଇଥିଲା । ଏହି ଅବସରରେ ୨୦୨୬ ବର୍ଷ ପାଇଁ ନିଯୁକ୍ତି କରାଯାଇଥିବା କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇଥିଲା ।କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ଆଇଏନ୍‌ଟିୟୁସି ସଭାପତି ଭବାନୀ ଶଙ୍କର ଜେନା, ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥଲେ । କାର୍ଯ୍ୟକ୍ରମରେ ଶ୍ରେଷ୍ଠ ସଂଗଠକ ଭାବେ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା ।

ମଙ୍ଗଳବାର ଅଧିବେଶନର ପ୍ରଥମାର୍ଦ୍ଧରେ ରାଜ୍ୟସଭା ପୂର୍ବତନ ସଦସ୍ୟ ଏନ୍.ଭାସ୍କର ରାଓ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଡ.ରାମଚନ୍ଦ୍ର ଖଣ୍ଟିଆ ଯୋଗଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଟିପିଏସ୍‌ଓଡିଏଲ୍ ରାୟଗଡ଼ା ଶାଖାର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗଦେଇ ଟାଟା ପାୱାର ସ୍ମାର୍ଟ ମିଟର ଓ ଆଡ଼ିସନାଲ ସିକ୍ୟୁରିଟି ବନ୍ଦ କରିବାକୁ ଦାବି ଉଠାଇବା ସହ ଠିକା କର୍ମଚାରୀ ଓ ବିଦ୍ୟୁତ୍ କ୍ଷେତ୍ରର ଉନ୍ନତି ପାଇଁ ବିଭାଗୀୟ ମନ୍ତ୍ରୀ, ଶ୍ରମିକ ସଂଗଠନ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ରାଜ୍ୟ ସଂଘର ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ପ୍ରଶାନ୍ତ କୁମାର ମହାପାତ୍ର ସଭାପତି, ଦୀନବନ୍ଧୁ ମହାନ୍ତି କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଥିଲା ।

